**ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ମାଟି ଉଠାଣ**

**ଧର୍ମଶାଳା(ଡି.ଏନ.ଏ.):** ଧର୍ମଶାଳାର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ପାଇଁ ସୋମବାର ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଧନୁସଂକ୍ରାନ୍ତିରେ ହେବାକୁ ଥିବା ପୂଜା କୋଭିଡ୍ କଟକଣା ଯୋଗୁ ମାତ୍ର ତିନିଦିନ ପାଳନ କରିବାକୁ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସ୍ଥିର କରାଯାଇଛି। କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ରହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠରୁ ମାଟି ଉଠାଇଥିଲେ। ଏହି ପୂଜାର କର୍ତ୍ତା ଭାବେ କିଶାନ ପଣ୍ଡା ଓ କ୍ଷେତ୍ରବାସୀ ସାହୁ ମାଟି ଉଠାଣ ସମୟରେ ସଂକଳ୍ପ କରିଥିଲେ।



## ସଂକ୍ଷେପରେ

### ୨ ବଖରା ସହ ଗୁହାଳ ଜଳିଗଲା



**ବରୀ, ୩୦।୧୧ (ଡି.ଏନ.ଏ.):** ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତ କେଁକରଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ସହ ଏକ ଗୁହାଳ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଗ୍ରାମର ପ୍ରକାଶ ସାମଲଙ୍କ ପରିବାର ସଦସ୍ୟ ଶୋଇଥିବା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏହା ଜଣାପଡିବା ପରେ ପରିବାର ସଦସ୍ୟ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ମାତ୍ର ଘର ଭିତରେ ଥିବା ଆସବାବପତ୍ର ବାହାର କରିବା ସମ୍ଭବ ହୋଇ ନ ଥିଲା। ଘରକୁ ଲାଗିଥିବା ଗୁହାଳକୁ ମଧ ନିଆଁ ବ୍ୟାପିଯାଇଥିଲା। ଖବର ପାଇ ବରୀ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ବରୀ ତହସିଲ ପ୍ରଶାସନ ସ୍ଥିତି ଅନୁଧ୍ୟାନ କରି ଫେରିଥିବା ସୂଚନା ମିଳିଛି।

### ପରିବା ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ

**ସିଂହପୁର,୩୦।୧୧ (ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ସିଂହପୁର ଅଞ୍ଚଳରେ ପରିବା ଦରକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ସିଂହପୁର ଓ ଆଖପାଖ ବଜାରରେ ଆଳୁ କେଜି ୪୦ ଟଙ୍କା ଥିବାବେଳେ ସଜନା ଛୁଇଁ ୧୦୦, ବିନ୍ସ ୬୦, ଝୁଡଙ୍ଗ ୫୦, ଟମାଟୋ ୫୦, ବାଇଗଣ ୩୦, ଭେଣ୍ଡି ୪୦, କୋବି ୪୦ଟଙ୍କା ରହିଛି। ଏଭଳି ଦରବୃଦ୍ଧିରେ ବ୍ୟବସାୟୀମାନେ ଫାଇଦା ଉଠାଉଥିବାବେଳେ ଖାଉଟି ହନ୍ତସନ୍ତ ହେବା ସାର ହେଉଛି। ଏଥିପ୍ରତି ଯାଜପୁର ଜିଲାପାଳ ଓ ଜିଲା ଯୋଗାଣ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଖାଉଟିଙ୍କ ପକ୍ଷରୁ ଦାବି ହେଉଛି।

### ଶ୍ରୀନୀଳମାଧବ ଜୀଉଙ୍କ ପଶାଖେଳ, ଗଜ ଉଦ୍ଧାରଣ ବେଶ



**ଖଣ୍ଡପଡା,୩୦।୧୧(ସ୍ୱ.ପ୍ର.):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କୁ ସକାଳେ ପଶାଖେଳ ସହ ସନ୍ଧ୍ୟାରେ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଥିଲା। ହବିଷିଆଳିମାନେ ଏକତ୍ରିତ ହୋଇ କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ କରିଥିଲେ। ସେହିପରି ଖଣ୍ଡପଡା ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ଓ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ୬ ଦିନ ହେଲା ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଓ ଭକ୍ତଙ୍କ ସମାଗମ ହୋଇଥିଲା।

### ବିଭିନ୍ନ ସ୍ଥାନରେ ଭାଗବତ ସପ୍ତାଙ୍ଗ ଶେଷ

**ଖଣ୍ଡପଡା,୩୦।୧୧(ସ୍ୱ.ପ୍ର):** ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ସୋମବାର ଶେଷ ହୋଇଥିବା କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି। ସେହିପରି ଖଣ୍ଡପଡା ସହରର ମଣିକର୍ଣ୍ଣିକା ସାହିର ଆରାଧ ଦେବ ଭିଆଣିଆ ଗୋପୀନାଥ ଦେବଙ୍କ ପୀଠ, ଖଣ୍ଡପଡା ବ୍ଲକ ଅଧୀନ କିଆଝରପାଟଣା ଗାଁରେ ୭ ଦିନ ଧରି ଚାଲିଥିବା ସପ୍ତାଙ୍ଗର ପୂର୍ଣ୍ଣାହୁତି ହୋଇଯାଇଛି। ଉତ୍ସବରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ରିଲିଫ୍ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୩୦।୧୧(ସ୍ୱ.ପ୍ର.)**

ଚଳିତବର୍ଷ ବ୍ରାହ୍ମଣୀ ବନ୍ୟାରେ କ୍ଷତିଗ୍ରସ୍ତ ଧୋୟାଞ୍ଚଳରେ ରିଲିଫ ଚାଉଳ ବଣ୍ଟନରେ ସରକାରୀ ନିୟମକୁ ବେଖାତିର କରାଯାଇଥିଲା। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ନଂ.୯ ଓ ନଂ. ୧୦ ୱାର୍ଡର ମନ୍ଦ ଉଦ୍ଦେଶ୍ୟ ରଖି ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଡିଲର ବନମାଳୀ ଲେଙ୍କାଙ୍କ ନାମରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ୩୧।୧୧।୨୦ରେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରଥିଲେ। ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ତଦନ୍ତ କରି ୨୬।୧୧।୨୦ରେ ନଂ. ୪୯୩/୨୦ରେ ମାମଲା ରୁଜୁ କରିଥିଲା। ରିଲିଫ ବଣ୍ଟନ ସମୟରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇନାହିଁ କି ଅନିୟମିତତା ହୋଇ ନ ଥିବା ଡିଲର ଲେଙ୍କା କହିଛନ୍ତି। ଏହା ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଛି ବୋଲି ସେ କହିଛନ୍ତି। ତେବେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାଇଁ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ମାମଲାର ତଦନ୍ତ ଚାଲିଥିବା ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି।

**ଡିଲର କହିଲେ ସରକାରୀ ନିୟମାନୁଯାୟୀ ବଣ୍ଟନ ହୋଇଛି**

ମ୍ୟୁନିସିପାଲିଟି ଅଞ୍ଚଳରେ ୭।୯।୨୦ରେ ବନ୍ୟା ପୀଡିତ ପରିବାରଗୁଡିକୁ ୫୦ କିଗ୍ରା ଚାଉଳ ସହ ୫ ଶହ ଟଙ୍କା ରିଲିଫ୍ ପ୍ରଦାନ କରାଯାଇଥିଲା। ରିଲିଫ ପ୍ରଦାନ କରାଯିବାକୁ ଡିଲର ଲେଙ୍କାଙ୍କୁ ୫୧୩ ବସ୍ତା ଚାଉଳ ମ୍ୟୁନିସିପାଲିଟି ପକ୍ଷରୁ ଦିଆଯାଇଥିଲା। ସେଥିମଧ୍ୟରୁ ୩୩୨ ରାଶନ କାର୍ଡଧାରୀ ପରିବାରକୁ ୩୩୨ବସ୍ତା ଚାଉଳ ଓ ଟଙ୍କା ଦିଆଯାଇଥିଲା। ୧୮୧ ବସ୍ତା ଚାଉଳ ବଳକା ରହିଥିଲା। ଏହି ଚାଉଳକୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଫେରାଇ ନେବା ପାଇଁ ୧୯।୧୦।୨୦ରେ ନିର୍ବାହୀ ଅଧିକାରୀ ଡିଲ ଲେଙ୍କାଙ୍କୁ ଚିଠି ଲେଖିଥିଲେ। ରିଲିଫ ସାମଗ୍ରୀ ଆଦୌ ହଡପ ହୋଇ ନ ଥିବା ଡିଲର ଲେଙ୍କା କହିଥିଲେ। ତାଙ୍କ ସ୍ତ୍ରୀ କାଉନସିଲର ଥିବାରୁ ରାଜନୈତିକ ଆକ୍ରୋଶରେ ଏଭଳି ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ରିଲିଫ ବଣ୍ଟନ ସମୟରେ ଉପସ୍ଥିତ ଥିବା ଗାଁର କେତେଜଣ ଲୋକଙ୍କ ସହ ରିଲିଫ ଯୋଗାଣ ଦାୟିତ୍ୱରେ ଥିବା ନୋଡାଲ ଅଫିସର ନାରାୟଣ ବେହେରାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ବନ୍ୟା ପୀଡିତ ପରିବାରଙ୍କୁ ଶୃଙ୍ଖଳିତ ଭାବେ ରିଲିଫ ଚାଉଳ, ଟଙ୍କା ବଣ୍ଟନ କରାଯାଇଥିଲା ବୋଲି ଡିଲର ଲେଙ୍କା କହିଛନ୍ତି। କିନ୍ତୁ ଘଟଣା ଦିନ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାଇଁ ରିଲିଫ ବଣ୍ଟନରେ ଅନିୟମିତତା କରିଥିବାରୁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉ ବୋଲି କେନ୍ଦ୍ରାପଡା ଉପଜିଲାପାଳଙ୍କୁ ନଂ.୨୯୨୯/୨୦ରେ ଚିଠି ଲେଖିଥିଲେ। ୨୨।୯।୨୦ରେ ନୋଡାଲ ଅଫିସର ବେହେରା ୭।୯।୨୦ରେ ରିଲିଫ ବଣ୍ଟନ ସମୟରେ କେତେଜଣ ଅସାମାଜିକ ଲୋକ ନିର୍ଦ୍ଦିଷ୍ଟ ସ୍ଥାନରେ ରିଲିଫ ବାଣ୍ଟିବାକୁ ତାଙ୍କ ସହ ଜବରଦସ୍ତ କରିଥିଲେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ପୂର୍ବରୁ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଚିଠି ନଂ.୩୦୩୦/୨୧।୯।୨୦ରେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ମଧ ଜଣାଯାଇଛି। ରିଲିଫ ବଣ୍ଟନର ଅଢେଇ ମାସ ପରେ ଥାନାରେ ମାମଲା ରୁଜୁ ହେବା ସମୁଦାୟ ଘଟଣାକୁ ରହସ୍ୟ ଘେର ମଧ୍ୟକୁ ଟାଣି ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।



ଜିଲାପାଳଙ୍କ ଅଫିସ ଆଗରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ପରୀ ପାଇଁ ଓସା ପକ୍ଷରୁ ବିକ୍ଷୋଭ

**କେନ୍ଦ୍ରାପଡା ଅଫିସ, ୩୦।୧୧**

ନୟାଗଡର ପରୀ ହତ୍ୟାକାଣ୍ଡର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ଓସା କେନ୍ଦ୍ରାପଡ଼ା ଜିଲା ଶାଖା କର୍ମକର୍ତ୍ତା ଆଳୟ ସାମନ୍ତରାୟ କୁହନ୍ତି, ନୟାଗଡର ପରୀକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡରେ ମନ୍ତ୍ରୀ ଅରୁଣ ସାହୁଙ୍କର ହାତଥିବା ଅଭିଯୋଗ ହୋଇଆସୁଛି। ମନ୍ତ୍ରୀ ସାହୁଙ୍କୁ ରାଜ୍ୟ ସରକାର ସୁରକ୍ଷା ଯୋଗାଇ ଦେଇ ଆସୁଛନ୍ତି। ତୁରନ୍ତ ମନ୍ତ୍ରୀ ସାହୁଙ୍କୁ ପଦବୀରୁ ବହିଷ୍କାର କରି ତଦନ୍ତର ସମ୍ମୁଖୀନ ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ବିକ୍ଷୋଭରେ ବାସନ୍ତି ମହାପାତ୍ର, ପ୍ରକାଶ ଚନ୍ଦ୍ର ଦାସ, ଅମିତାଭ ଚାନ୍ଦ, ମନୋଜ ନାୟକଙ୍କ ସହ ସୂଚନା ଅଧିକାର ଓ ସାମାଜିକ କର୍ମୀମାନେ ସାମିଲ ହୋଇଥିଲେ।

# କଳାବ୍ୟାଜ୍ ପିନ୍ଧି ଶ୍ରମିକଙ୍କ ବିକ୍ଷୋଭ



ଶ୍ରମିକମାନେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପାରାଦୀପ,୩୦।୧୧(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ସମ୍ମୁଖରେ ସୋମବାର ଠିକା ଶ୍ରମିକମାନେ କଳାବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶ୍ରମିକମାନଙ୍କୁ ବିଭିନ୍ନ ସମୟରେ ହଇରାଣ କରାଯାଉଛି। ଏନେଇ ଶ୍ରମିକ ସଂଘ ପକ୍ଷରୁ ଏକାଧିକ ଚିଠି ଲେଖାଯାଇଛି। ଏହାସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ବିରୋଧ କରାଯାଇଛି। ତୈଳ ବିଶୋଧନାଗାର ପ୍ରକଳ୍ପ ଭିତରେ କାମ କରୁଥିବା ୨ ହଜାରରୁ ଊର୍ଦ୍ଧ୍ୱ ଠିକାଶ୍ରମିକ ବର୍ଷେ ହେବ ଶୋଷଣର ଶିକାର ହେଉଛନ୍ତି। ଠିକା କମ୍ପାନୀଗୁଡ଼ିକ ମନମୁଖିଭାବେ ଛଟେଇ, ଦରମା ଦେବାରେ ଅନିୟମିତତା, କାମ ସରିବା ପରେ ଟେଣ୍ଡର ନକରିବା ଆଦି ସମସ୍ୟା କରୁଛନ୍ତି ବୋଲି ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ସଭାପତି ଅରିନ୍ଦମ ସର୍ଖେଲ(ବାପି)ଅଭିଯୋଗ କରିଛନ୍ତି। ଏହି ପ୍ରତିକାତ୍ମକ ବିକ୍ଷୋଭ ସତ୍ତ୍ୱେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ମୁରୁଜ ପ୍ରତିଯୋଗିତା

**ବାଲିଆ,୩୦।୧୧:** ବିରିଡି ବ୍ଲକ ଅନ୍ତର୍ଗତ ଶଢେଇଶାସନସ୍ଥିତ ମା'ବୁଢ଼ୀଜାଗୁଲାଇ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସୋମବାର ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା ବୁଢ଼ୀଜାଗୁଲାଇ ପରିଚାଳନା କମିଟି ପକ୍ଷରୁଆୟୋଜିତ ଏହିପ୍ରତିଯୋଗିତାରେ ୧୩ଜଣ ଭାଗ ନେଇଥିଲେ। ଏଥିରେ ଅମିତ ରାଉଳ ଅଧ୍ୟକ୍ଷତା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଗୋପାଳ ଓଝା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା

**ରାଜନଗର,୩୦।୧୧(ଡି.ଏନ.ଏ.):** ରାଜନଗର ବ୍ଲକ ଧାନଦିଆ ଗାଁରେ ଶ୍ରୀକାର୍ତ୍ତିକେଶ୍ୱରଙ୍କର ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଥିଲା। ଧାନଦିଆ ଗ୍ରାମବାସୀ ଓ କାର୍ତ୍ତିକେଶ୍ୱର ପୂଜା କମିଟିର ସଭ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି କଟକଣା ମଧ୍ୟରେ ପୂଜାର୍ଚ୍ଚନା କରାଯାଉଛି। ସେହିପରି ଗୋସିଗାଁ ଗଡେଶ୍ୱର ପୀଠରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି।

## କୁନି ଧାବିକା ମାମୁନିଙ୍କୁ ସମ୍ବର୍ଦ୍ଧନା


ମାମୁନିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଆଳି, ୩୦।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ନିଆଳ ଗାଁର କୁନି ଧାବିକା ମାମୁନି ମଳିକ(୫)ଙ୍କୁ ଆଳିର ଏକ ସ୍କୁଲ ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲର ସମ୍ପାଦିକା ରଶ୍ମିରେଖା ବରାଳ କୁନି ଧାବିକା ମାମୁନିଙ୍କୁ ଫୁଲତୋଡା, ପୋଷାକ, ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ, ମୌସୁମୀ ପରିଡା, ବିଜୟିନୀ ଦାଶ, ସୁମିତ୍ରା ବାରିକ, ବିଜୟାଲକ୍ଷ୍ମୀ ଷଡଙ୍ଗୀ, ଅମିତା ସିଂହ, ସନ୍ତୋଷ ସାହୁ ଓ ସତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ମାମୁନିଙ୍କୁ ବିଦ୍ୟାଳୟରେ ନାମ ଲେଖାଯାଇଥିଲା। ଏଥିସହ ବର୍ଷସାରା ସ୍କୁଲ ଫି ଛାଡ କରାଯିବ ବୋଲି ସମ୍ପାଦିକା ବରାଳ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ନିଆଳ ଗାଁର ପ୍ରଦୀପ ମଳିକଙ୍କ ସାନ ଝିଅ ମାମୁନି ୫ ବର୍ଷ ବୟସରେ ଦୈନିକ ୧୦ କି.ମି. ଦୌଡଛନ୍ତି। କୁନି ଧାବିକାକୁ ଉତ୍ସାହିତ କରିବାକୁ ବିଭିନ୍ନ ଅନୁଷ୍ଠାନ ସାହାଯ୍ୟର ହାତ ବଢାଇଛନ୍ତି। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଗତ ୨୭ ତାରିଖ ମାମୁନିଙ୍କୁ ଡକାଇ ସମ୍ବର୍ଦ୍ଧନା ଦେଇଥିଲେ। ଜିଲା ରେଡକ୍ରସ ପକ୍ଷରୁ ତାଙ୍କୁ ସାହାଯ୍ୟ କରାଯିବ ଓ କ୍ରୀଡାର ବିକାଶ ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୂଚନା କର୍ମୀଙ୍କ ବିକ୍ଷୋଭ

**ନୟାଗଡ ଅଫିସ,୩୦।୧୧**

ନୟାଗଡ ସଦର ଥାନା ଯଦୁପୁର ପରୀ ହତ୍ୟା ପ୍ରସଙ୍ଗରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ନୟାଗଡ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର, ପରୀର ପରିବାର ଓ ସୂଚନା ଅଧିକାର କର୍ମୀ ତଥା ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ସୁରକ୍ଷା ଦାବିରେ ଆନ୍ଦୋଳନ ହୋଇଥିଲା। ସୋମବାର ନୟାଗଡ ଜିଲା ସମେତ ରାଜ୍ୟର ୧୫ ଜିଲାରେ ଏହି ଆନ୍ଦୋଳନ ହୋଇଛି। ନୟାଗଡରେ ଗୌରାଙ୍ଗ ମହାପାତ୍ର, ମଦନ ସାହୁ, ବସନ୍ତ ପଡ଼ିଆରୀ, ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସେହିପରି ପରୀକୁ ନ୍ୟାୟ ଦେବାକୁ ନିରପେକ୍ଷ ତଦନ୍ତ ନିମନ୍ତେ ମନ୍ତ୍ରୀ ସାହୁଙ୍କ ବହିଷ୍କାର ଦାବିରେ ୧ ତାରିଖ ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ମହିଳା କର୍ମୀଙ୍କ ପକ୍ଷରୁ ବିକ୍ଷୋଭ ସଭା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବ। ଏ ନେଇ ଜିଲା ସଭାପତି ରଣଜିତ ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ପରୀ ହତ୍ୟାକାଣ୍ଡର ହତ୍ୟାକାରୀଙ୍କୁ ଗିରଫ ଓ ନିରପେକ୍ଷ ତଦନ୍ତ ପାଇଁ ଜିଲା କଂଗ୍ରେସ ପ୍ରଥମରୁ ଆନ୍ଦୋଳନ କରି ଆସିଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅକ୍ଟୋବରରେ ସତ୍ୟାଗ୍ରହ କରାଯାଇଥିଲ। ପରୀ ପ୍ରସଙ୍ଗ ବିଧାନସଭାରେ ଉଠାଇବାକୁ କଂଗ୍ରେସ ବିଧାୟକଙ୍କର ସହଯୋଗ ନିଆଯାଇଥିଲା। ବିଧାନସଭାରେ ପରୀ ହତ୍ୟାକାଣ୍ଡ ସ୍ଥାନ ପାଇବା ପରେ ଝଡ ସୃଷ୍ଟି ହୋଇଛି।

**ପରୀ ହତ୍ୟା ପ୍ରସଙ୍ଗ**
**କଂଗ୍ରେସର ଆନ୍ଦୋଳନ ୧ରୁ**

## ହରିଗୋସାଇଁ ପୀଠରେ ଯଜ୍ଞ ଉତ୍ସବ

**ରସୁଲପୁର,୩୦।୧୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ମାନପୁର ଗାଁର ହରିଗୋସାଇଁ ମନ୍ଦିର ପରିସରରେ ୫ ଦିନିଆ ଯଜ୍ଞ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମକୁ ନେଇ ପ୍ରତ୍ୟେକଙ୍କ ଘରେ ବ୍ରତ ରଖାଯାଇଛି। କାର୍ତ୍ତିକରେ ଗାଁର ବ୍ରତଧାରୀ ମହିଳା ଓ ହବିଷିଆଳିମାନେ ମନ୍ଦିରକୁ ଆସି ହରିବଂଶ ପାରାୟଣ ଶ୍ରବଣ କରିବା ସହ ପ୍ରସାଦ ସେବନ କରି ଘରକୁ ଫେରନ୍ତି। ଏହି ଧାରାରେ ୫ଦିନ ଧରି ଯଜ୍ଞ ଉତ୍ସବ ପାଳନ ହୋଇଥିଲା। ଯାଜ୍ଞିକ ୫ ଜଣ ପଣ୍ଡିତ ଯଜ୍ଞକାର୍ଯ୍ୟରେ ନିୟୋଜିତ କରାଯାଇଥିଲା। କୋଭିଡ୍ କଟକଣାକୁ ସମ୍ମାନ ଜଣାଇ ମହିଳାମାନଙ୍କୁ ପର୍ଯ୍ୟାୟ ଅନୁସାରେ ଠାକୁର ଦର୍ଶନ ଓ ଆରତି ଆହୁତି ଗ୍ରହଣ କରିବାକୁ ସୁଯୋଗ ଦିଆଯାଉଥିଲା। ଯଜ୍ଞୋତ୍ସବକୁ ଗ୍ରାମ୍ୟ କମିଟି ପକ୍ଷରୁ ପରିଚାଳନା କରାଯାଇଥିଲା।

# କରୋନା କଟକଣା ମଧ୍ୟରେ ବୋଇତ ବନ୍ଦାଣ ଉତ୍ସବ

**ନାଉଗାଁ/ବାଲିକୁଦା/ବିରିଡ଼ି/ ୩୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନାଉଗାଁ ବ୍ଲକରେ କୋଭିଡ କଟକଣା ମଧ୍ୟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। କେବଳ ପରମ୍ପରା ରକ୍ଷା ପାଇଁ ଶିଖରଘାଟ ନିକଟରେ ବୋଇତ ବନ୍ଦାଣ କମିଟି ପକ୍ଷରୁ ଡଙ୍ଗା ଭସା ଯାଇଛି। ସେହିପରି ବାଲିକୁଦାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ କଟକଣା ମଧ୍ୟରେ ପାଳିତ ହୋଇଛି। ତିନି ମୁହାଣି ବୋଇତ ବନ୍ଦାଣ ଉତ୍ସବ ସମିତି ପକ୍ଷରୁ କେବଳ ବିଧି ରକ୍ଷା ପାଇଁ ପୂଜାର୍ଚ୍ଚନା କରାଯାଇ ମାଛଗାଁ କେନାଲରେ ଡଙ୍ଗା ଭସାଯାଇଛି। ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ପର୍ଯ୍ୟଟନସ୍ଥଳି ପଞ୍ଚୁପାଣ୍ଡବଙ୍କ ପୀଠରେ ଷଷ୍ଠ ବାର୍ଷିକ ବୋଇତବନ୍ଦାଣ ଉତ୍ସବ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବିରିଡି ବ୍ଲକ ଉକୁନ୍ଦର ପଞ୍ଚାୟତ ଅନ୍ତର୍ଗତ ରାୟରଘୁନାଥପୁର ଗ୍ରାମସ୍ଥିତ ଧବଳେଶ୍ୱର ମହାଦେବଙ୍କ ପୀଠରେ ତରଣ ଓ ଗଜ ଭୋଗ କରାଯାଇଛି। ଏହି ଉପଲକ୍ଷେ ଧାନକୁଦ ପୀଠର ପୀଠାଧୀଶ ଅଚାର୍ଯ୍ୟ ବାବା ଅରକ୍ଷିତ ଦାସ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଇନଜୀବୀ ରଶ୍ମୀକାନ୍ତ ବେହେରା, ୱାର୍ଡସଭ୍ୟ ଭଗବାନ ବେହେରା, ଇନ୍ଦ୍ରମଣୀ ବେହେରା ଓ ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।


ଶିଖରଘାଟରେ ବୋଇତ ବନ୍ଦାଣ କମିଟି ପକ୍ଷରୁ ଡଙ୍ଗା ଭସାଯାଉଛି।

# ବେଆଇନ ଛଟେଇକୁ ବିରୋଧ: ଆମରଣ ଅନଶନ ଚେତାବନୀ ଦେଲେ କର୍ମଚାରୀଙ୍କ ପରିବାର

**କୁଜଙ୍ଗ,୩୦।୧୧(ଡି.ଏନ୍.ଏ.)**

ପାରାଦୀପ ତୈଳ ବିଶୋଧନାଗାରରେ ମେଣ୍ଟେନାନ୍ସ କାମ ନେଇଥିବା ଏକ ଠିକା କମ୍ପାନୀ ବିନା ନୋଟିସରେ ଜଣେ କର୍ମଚାରୀଙ୍କୁ ଛଟେଇ କରିଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ଡିସେମ୍ବର ୨ରୁ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସୋମବାର ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। କୁଜଙ୍ଗ ବ୍ଲକ କୋଠି ପଞ୍ଚାୟତ ଅନ୍ତର୍ଗତ କୋଠି ଗ୍ରାମର ଉତ୍ତାପ ଖଣ୍ଡୁଆଳ ୧ଏପ୍ରିଲ ୨୦୧୫ରେ ଉକ୍ତ ଠିକା କମ୍ପାନୀରେ ନିଯୁକ୍ତି ପାଇଥିଲେ। ୬ବର୍ଷ କାମ କଲା ପରେ ହଠାତ୍ ତାଙ୍କୁ ବିନା ନୋଟିସ୍‌ରେ କମ୍ପାନୀ ପକ୍ଷରୁ ଛଟେଇ କରିଦିଆଯାଇଛି। ଫଳରେ ପକ୍ଷାଘାତରେ ପୀଡିତ ଶଯ୍ୟାଶାୟୀ ପିତା ଓ ପିଲାଙ୍କୁ ଚଳେଇବା ଉତ୍ତାପଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ତାଙ୍କୁ ପୁନଃ ନିଯୁକ୍ତି ଦେବା ଦାବିରେ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଅନୁରୋଧ କରାଯାଇଛି। ମାତ୍ର କୌଣସି ସୁଫଳ ନ ମିଳିବାରୁ ଉତ୍ତାପ ବାଧହୋଇ ପାରଦୀପ ବିଧାୟକ ଓ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ଥଇଥାନ ନିମନ୍ତେ କୌଣସି ପଦକ୍ଷେପ ନିଆ ନଯିବାରୁ ଉତ୍ତାପ ପରିବାର ସହ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।

# ନଳକୂପରେ ସୋକ୍‌ପିଟ୍ ନ ଥିବାରୁ ପାଣି ଜମୁଛି

**ନାଉଗାଁ,୩୦।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ବାଲି ଭଉଁରୀ -ଶିଖରଘାଟକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ପାର୍ଶ୍ୱରେ ଏକ ନଳକୂପ ରହିଛି। ମାତ୍ର ସେଠାରେ ପାଣି ଜମି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବହୁ ଗ୍ରାମବାସୀ ଏହି ବାଟଦେଇ ଯିବାଆସିବା କରୁଥିବାବେଳେ ସବୁବେଳେ ପାଣିଜମିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନଳକୂପ ଉପରେ ନିକଟସ୍ଥ ହରିନବେଇ ଗ୍ରାମର କେତେଜଣ ଗ୍ରାମବାସୀଙ୍କ ସମେତ ବ୍ଲକ ଛକସ୍ଥିତ ଅନେକ ଦୋକାନୀ ନିର୍ଭରଶୀଳ। ଗ୍ରାମବାସୀ ଏହି ନଳକୂପରେ ଗାଧୋଇବା ସହ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରିଥାନ୍ତି। ମାତ୍ର ନଳକୂପ ନିକଟରେ ସୋକ୍‌ପିଟ୍ ନ ଥିବାରୁ ଏହାର ମୂଳରେ ପାଣି ଜମିରହୁଛି। ରାସ୍ତା ପ୍ରଶସ୍ତୀକରଣ ପରେ ଏହି ନଳକୂପଟି ୨ଟି ମୁଖ୍ୟ ରାସ୍ତାର ସଂଯୋଗ ସ୍ଥଳରେ ରହିଛି। କିନ୍ତୁ ନଳକୂପ ପାଇଁ ଚଟାଣ ମଧ ନିର୍ମାଣ କରାଯାଇନାହିଁ। ବହୁ ଦିନ ଧରି ସେଠାରେ ପାଣି ଜମିରହିବା ଯୋଗୁ ପଚାଗନ୍ଧ ଆସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ମାତ୍ର ୫୦୦ ମିଟର ଦୂରରେ ଜଳ ପରିମଳ ବିଭାଗର କାର୍ଯ୍ୟାଳୟ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରାସ୍ତାର ମୋଡ଼ ପାଖରେ ଏହି ନଳକୂପ ଥିବାରୁ ଯାତ୍ରୀବାହୀ ଓ ମାଲବାହୀ ଗାଡି ଚଳାଚଳବେଳେ ବିପଦ ଆଶଙ୍କା ରହୁଛି।

ଏ ସମ୍ପର୍କରେ ଜଳ ପରିମଳ ବିଭାଗର ଯନ୍ତ୍ରୀ ପ୍ରଦୀପ୍ତ ବରାଳ କୁହନ୍ତି, ନୂତନ ନଳକୂପ ବସାଇବା ପାଇଁ ଆନୁମାନିକ ୨୦ ହଜାର ଟଙ୍କା ଦରକାର। ଯେହେତୁ ଉକ୍ତ ନଳକୂପ ରାସ୍ତା ନିର୍ମାଣ ପୂର୍ବରୁ ବସିଛି ବର୍ତ୍ତମାନ ତାହା ସ୍ଥାନାନ୍ତର କରାଯାଇ ପାରିବ ନାହିଁ। ଉକ୍ତ ନଳକୂପ ନିକଟରେ ସୋକପିଟ୍ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ।


ରାସ୍ତା ପାର୍ଶ୍ୱରେ ଥିବା ନଳକୂପ।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାଜନଗର(ଡି.ଏନ.ଏ.): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଗର୍ଭଗଣ୍ଡିଆ ଗାଁରେ ସୋମବାର ଅପରାହ୍ନରେ ନିଆଁ ଲାଗି ୨ ବଖରା ଜଳିଯାଇଛି। ଗାଁର ମେଘନାଦ ମଣ୍ଡଳ ଓ ସଞ୍ଜୀବ ଘରାମିଙ୍କ ୨ ବଖରା ପୋଡିଯାଇଛି। ଦୁଇ ପରିବାର ସଦସ୍ୟ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ବନ୍ଦ ଥିବା ଘ ରେ ହଠାତ୍ ନିଆଁ ଦେଖି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଭିତରୁ କେବଳ ଗ୍ୟାସ୍ ସିଲିଣ୍ଡର ଓ ବାଇକ୍‌କୁ ବାହାରକୁ ଆଣି ପାରିଥିଲେ।

## ସଂକ୍ଷେପରେ

### ଶିଶୁ କନ୍ୟା ବଳାତ୍କାର ଅଭିଯୋଗ: ବୃଦ୍ଧ ଗିରଫ

**ଆଳି,୩୦।୧୧(ଡି.ଏନ.ଏ.):** ଆଳି ଥାନା ଅଞ୍ଚଳରେ ଜଣେ ଶିଶୁ କନ୍ୟାଙ୍କୁ ବଳାତ୍କାର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ସୋମବାର ସୁନାକାର ପାତ୍ର (୮୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ୨୩ ତାରିଖ ପୂର୍ବାହ୍ନ ୧୧ଟାରେ ଏକ ଦୋକାନ ନିକଟରେ ଖେଳୁଥିବା ଶିଶୁକନ୍ୟାଙ୍କୁ ବୃଦ୍ଧ ଦୋକାନୀ ଜଣକ କ୍ୟାବିନ ଭିତରକୁ ଟେକି ନେଇଥିଲେ। ବୃଦ୍ଧ ଜଣକ ଦୋକାନ ଭିତରେ ଶିଶୁକନ୍ୟାକୁ ବଳାତ୍କାର କରିଥିଲେ। ଶିଶୁକନ୍ୟାର ମା' ଝିଅକୁ ଖୋଜି ଖୋଜି ଦୋକାନ ନିକଟକୁ ଆସି ଦେଖିଲା ବେଳକୁ ସେଠାରେ ସେ ପଡିଥିଲେ। ଶିଶୁକନ୍ୟା ସମ୍ପର୍କରେ ଦୋକାନୀଙ୍କୁ ମା' ପଚାରିବାରୁ ସେ କିଛି ଉତ୍ତର ଦେଇ ନ ଥିଲେ। ସେମାନଙ୍କୁ ଗାଳିଗୁଲଜ କରି ଥାନାକୁ ନ ଯିବାକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଥାନାକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଦୋକାନୀ ସୁନାକରଙ୍କ ପୁତୁରା ଅଟକ ରଖିଥିଲେ। ଝିଅର ଅବସ୍ଥା ଗୁରୁତର ହେବାରୁ ମା' ଲୁଚି କରି ଡାକ୍ତରଖାନା ନେବା ସହ ଥାନାରେ ବଳାତ୍କାର ହୋଇଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନଂ. ୨୬୬/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ବଳାତ୍କାର ଘଟଣାରେ ଅଭିଯୁକ୍ତ ସୁନାକରଙ୍କୁ ପୋଲିସ ପଟ୍ଟାମୁଣ୍ଡାଇରୁ ଗିରଫ କରିଥିବା ନେଇ ସୂଚନା ଦେଇଛି।

### ଡଙ୍ଗା ଭସାଇବା ବେଳେ ନଦୀରେ ବୁଡ଼ି ନାବାଳକ ମୃତ

**ଯାଜପୁର ସଦର,୩୦।୧୧(ଡି.ଏନ.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ରଘୁନାଥପୁର ଗ୍ରାମରେ ସୋମବାର ଭୋର ସମୟରେ ଡଙ୍ଗା ଭସାଇଲା ବେଳେ ଦୁଧେଇ ନାଳରେ ବୁଡି ୫ବର୍ଷ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦେବବ୍ରତ ବାରିକଙ୍କ ପୁଅ ସୁଧାଂଶୁ। ସେ ପରିବାର ଲୋକଙ୍କ ସହିତ ଡଙ୍ଗା ଭସାଇବାକୁ ଯାଇଥିଲେ। ଗଭୀର ପାଣିକୁ ଗୋଡ଼ ଖସିଯିବାରୁ ସୁଧାଂଶୁ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପାଣିରୁ ବାହାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବବ୍ରତଙ୍କ ଆଉ ଜଣେ ପୁଅ ଅଛନ୍ତି, ଯିଏକି ଜଣେ ଦିବ୍ୟାଙ୍ଗ। ଏଭଳିସ୍ଥିତିରେ ସୁଧାଂଶୁଙ୍କ ମୃତ୍ୟୁ ଯୋଗୁ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

### ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ



**ନୟାଗଡ଼ ଅଫିସ,୩୦।୧୧:** ପଞ୍ଚକ ଅବସରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବା ଓ ପାର୍ଶ୍ୱ ଦେବତା ଜଗନ୍ନାଥଙ୍କର ବେଶ ଅନୁଷ୍ଠିତ ହୋଇଯାଇଛି। ସୋମବାର ଲଡୁବାବା କୈଳାସ ପର୍ବତ ଉତ୍ପାଟନ ଓ ପାର୍ଶ୍ୱ ଦେବତା ଜଗନ୍ନାଥ କାଞ୍ଚି ଅଭିଯାନ ବେଶ କରାଯାଇଥିଲା। କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଠାକୁରଙ୍କର ବେଶ ଦେଖି ପାରିନାହାନ୍ତି। ଲଡୁବାବାଙ୍କୁ କ୍ଷୀରରେ ଅଭିଷେକ ପରେ ଆଖୁରସରେ ସ୍ନାନ କରାଯାଇଥିଲା। ବର୍ଷକୁ ଥରେ ଲଡୁବାବା କେବଳ ଆଖୁରସରେ ସ୍ନାନ କରନ୍ତି। ଦ୍ୱିପ୍ରହର ଧୂପ ପରେ ପହଡ ପଡିଥିଲା। ସନ୍ଧ୍ୟାରେ ବେଶ ଅନୁଷ୍ଠିତ ହୋଇଥିଲା।

# ଜବତ ହେଲା ୧୮ କୁଇଣ୍ଟାଲ ମାଛ, ଦର୍ଶାଗଲା ୨

## ଗହୀରମଥା ରେଞ୍ଜ କାର୍ଯ୍ୟାଳୟରେ ନିଲାମରେ ଘୋଟାଲା

**ରାଜନଗର, ୩୦।୧୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସମୁଦ୍ର ମାଦଳିମାଉଥ ନିକଟରେ ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଥିବାବେଳେ ରବିବାର ବନ ବିଭାଗର ପାଟ୍ରୋଲିଂ ଟିମ୍ ଲକ୍ଷ୍ମୀ ତାରିଣୀ-୩ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରେ ଥିବା ଭଦ୍ରକ ଅଞ୍ଚଳର ୯ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସରକାରୀ ରେକର୍ଡରେ ସିଜର ଲିଷ୍ଟରେ ଜବତ ଟ୍ରଲରରୁ ଗୋଟିଏ ଜିପିଏସ, ୩ଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍ ଫାଇଣ୍ଡର, ୮ଟି ନେଟ୍ ଓ ୨ କୁଇଣ୍ଟାଲ ସାମୁଦ୍ରିକ ମାଛ ଜବତ ହୋଇଥିବା ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ ଦର୍ଶାଇଥିଲେ। ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝି ଏତିକି ପରିମାଣର ସାମଗ୍ରୀ ଜବତ ନେଇ ବିଭାଗକୁ ରିପୋର୍ଟିଂ କରିଥିଲେ। ମାତ୍ର ଜବତ ଟ୍ରଲରରେ ପ୍ରାୟ ୧୮ କୁଇଣ୍ଟାଲ ମାଛ ଥିବାବେଳେ କିପରି ୨ କୁଇଣ୍ଟାଲ ଦର୍ଶାଯାଇଛି। ଏହାକୁ ନେଇ ସୋମବାର ରେଞ୍ଜ କାର୍ଯ୍ୟାଳୟରେ ବିବାଦ ସୃଷ୍ଟି ହୋଇଥିଲା। ଏପରି କି ନିଲାମ ବାତିଲ ଯାଏ କଥା ଯାଇଥିଲା।

ଜବତ ଟ୍ରଲର ଲକ୍ଷ୍ମୀ ତାରିଣୀ-୩ରେ ସାମୁଦ୍ରିକ ମାଛ ନିଲାମ ଧରିବାକୁ ସୋମବାର ବ୍ୟବସାୟୀମାନେ ଯାଇଥିଲେ। ସାମୁଦ୍ରିକ ମାଛ ଠିକିରି ୧୧ ଟ୍ରେ, କୁମୁଟି ଗୋଟିଏ ଟ୍ରେ, ପାମ୍ପଡି ୧୭ ଟ୍ରେ, ପାଟିଆ ୨୬ ଟ୍ରେ, କଣ୍ଟିଆ ୩ ଟ୍ରେ, ସ୍ରିମ୍ପ ୨ ଟ୍ରେ, ବେଙ୍ଗ ମାଛ ଗୋଟିଏ ଟ୍ରେ, କଳା ବାହାଲ ୧୫ ଟ୍ରେ, ଚମ୍ପା ୨ ଟ୍ରେ, ଖଣ୍ଡା ମାଛ ଗୋଟିଏ ଟ୍ରେ, ପାମ୍ପଲେଟ ଗୋଟିଏ ଟ୍ରେ, ପାଣିଆଖିଆ ୫ ଟ୍ରେ, ପାତିଆ ୪ ଟ୍ରେ, କାଣ୍ଟ ଗୋଟିଏ ଟ୍ରେ, ହରଜାଇ ଗୋଟିଏ ଟ୍ରେ ମୋଟ ୯୧ ଟ୍ରେ ଜବତ ମାଛ ନିଲାମ ପାଇଁ ଥିବା ରେଞ୍ଜ ଅଫିସର ଭୋଇ କହିଥିଲେ। ଗୋଟିଏ ଟ୍ରେରେ ସର୍ବନିମ୍ନ ୨୦ କେଜି ହିସାବରେ ୯୧ ଟ୍ରେରେ ୧୮ କୁଇଣ୍ଟାଲରୁ ଅଧିକ ମାଛ ଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ରବିବାର କୋର୍ଟଙ୍କୁ ଜବତ ଟ୍ରଲରରୁ ୨ କୁଇଣ୍ଟାଲ ମାଛ ଜବତ ହୋଇଥିବା ରେଞ୍ଜ ଅଫିସର ନିଜେ ଦର୍ଶାଇଥିଲେ। ସୋମବାର ନିଲାମ ଧରିବାକୁ ଆସିଥିବା ବ୍ୟବସାୟୀଙ୍କୁ ୧୮ କୁଇଣ୍ଟାଲ ମାଛ ଥିବା କୁହାଯିବାରୁ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ସମୁଦ୍ର ମଧ୍ୟରେ ଟ୍ରଲର ଜବତ କରିଥିବା ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କୁ ପଚାରିବାରୁ ପ୍ରତ୍ୟେକ ଟ୍ରେରେ ୨୦ କେଜିରୁ ଅଧିକ ମାଛ ଅଛି। ନିଲାମ ବେଳେ ମାତ୍ର ୪୦ହଜାର ଟଙ୍କା ଯାଏ ଡକାଯିବାରୁ ଏହାକୁ ବାତିଲ କରାଯାଇଛି। ଟ୍ରଲରରୁ ୧୮ କୁଇଣ୍ଟାଲ ମାଛ ଜବତ ହୋଇଥିଲା, କୋର୍ଟଙ୍କୁ କାହିଁକି ୨ କୁଇଣ୍ଟାଲ ଦର୍ଶାଇଲେ ବୋଲି ପଚାରିବାରୁ ଯାହା ନିଲାମ ହେଉଛି, ଆମେ ସବୁ ଟଙ୍କା ଡିପୋଜିଟ କରୁଛୁ, ଆମେ କ'ଣ ଖାଇଯାଉଛୁ ବୋଲି ସେ କହିଥିଲେ। ବନ କର୍ମଚାରୀ ଓ ମାଛ ନିଲାମ ନେବାକୁ ଆସିଥିବା ବ୍ୟବସାୟୀମାନଙ୍କ ସୂଚନା ମୁତାବକ ଯେତିକି ସିଜର ଲିଷ୍ଟରେ ଦର୍ଶାଯାଇଥାଏ, ସେତିକି ମାଛର ନିଲାମ ଟଙ୍କା ଆମଠାରୁ ନେଲେ ବୋଲି କାଗଜରେ ଦସ୍ତଖତ କରାଇ ନିଅନ୍ତି। ଅବଶିଷ୍ଟ ଟଙ୍କାର କାଗଜପତ୍ରରେ ଦର୍ଶାଯାଏନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି। ଜବତ ମାଛର ଟଙ୍କା ବନ ବିଭାଗର ଅଧିକାରୀମାନେ ବାଣ୍ଟି ନିଅନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଇଁଛଙ୍କୁ ସୁରକ୍ଷା ଯୋଗାଇଦେବାକୁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ଯାଏ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି।



ଜବତ ଟ୍ରଲର ସହ ମାଛ ଟ୍ରେ।



ବନବିଭାଗ ପକ୍ଷରୁ କୋର୍ଟଙ୍କୁ ପଠାଯାଇଥିବା ସିଜର ଲିଷ୍ଟ।

## ବନ କର୍ମଚାରୀଙ୍କୁ ଆକ୍ରମଣ: ୨ ବାର୍‌ହା ଶିକାରୀ ଗିରଫ

**କାଳିଆପାଣି,୩୦।୧୧(ଡି.ଏନ.ଏ.)**

କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଞ୍ଚାୟତର ଅରଡ଼ାପାଳ ଗ୍ରାମ ନିକଟରେ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ୨ ବାର୍‌ହା ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ କୁନରା ମାରାଣ୍ଡି ଓ ବିକ୍ରମ ହେମ୍ବ୍ରମ। ଘଟଣାରୁ ପ୍ରକାଶ ଯେ, ରବିବାର ଅରଡ଼ାପାଳ ଜଙ୍ଗଲରେ ବାର୍‌ହା ଶିକାର କରିବାକୁ ଜାଲ ବିଛାଯାଇଥିବା ଖବର ପାଇ ସ୍ଥାନୀୟ ଫରେଷ୍ଟର ରବିନାରାୟଣ ମହାନ୍ତିଙ୍କ ସମେତ କେତେଜଣ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଜାଲ ବିଛାଯାଇଥିବା ଦେଖି ଉଠାଇ ନେଇଥିଲେ। ଏହି ସମୟରେ କୁନରା ଓ ବିକ୍ରମ ବନ ବିଭାଗ ଗାଡ଼ିକୁ ଅଟକାଇ ଆମ ଫସଲ ନଷ୍ଟ ହୋଇଛି, ଆମକୁ ୨୦୦୦ ଟଙ୍କା ଦିଅ ବୋଲି ଦାବି କରିଥିଲେ। ତେବେ ପଶୁ ଶିକାର ଅପରାଧ ବୋଲି ବନ କର୍ମଚାରୀ ବୁଝାଇବା ବେଳକୁ ଅଚାନକ ଫରେଷ୍ଟର ମହାନ୍ତିଙ୍କ ବେକରେ ଅଭିଯୁକ୍ତମାନେ ଟାଙ୍ଗିଆ ଲଗାଇ ମାରିଦେବାକୁ ଧମକ ଦେଇଥିଲେ। ବନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୧୫/୨୦) ରୁଜୁ କରିଥିଲା।



ଖଣି ଆଗରେ ଧାରଣା ଦେଇଥିବା ସ୍ଥାନୀୟ ଜନସାଧାରଣ।

## ଖଣି ଗେଟ୍ ଆଗରେ ସ୍ଥାନୀୟ ଲୋକଙ୍କ ଧାରଣା

### ବାହାର ଲୋକଙ୍କ ନିଯୁକ୍ତିକୁ ବିରୋଧ

**କାଳିଆପାଣି,୩୦।୧୧(ଡି.ଏନ.ଏ.)**

ସୁରୁଆବିଲସ୍ଥିତ ଟିଏସ୍‌ଆଲଏଜ ଖଣିର ଠିକାଦାର ଭାବେ କାର୍ଯ୍ୟ କରୁଥିବା ଡେକୋ କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ଦେଉଥିବା ନେଇ ସୋମବାର ସ୍ଥାନୀୟ ଲୋକେ ଖଣି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ଅନୁଯାୟୀ ସୁରୁଆବିଲଠାରେ ପୂର୍ବରୁ ରହିଥିବା ମିଶ୍ରିଲାଲ ଖଣିକୁ ଟିଏସ୍‌ଆଲଏଜ (ଟାଟାଷ୍ଟିଲ ମାଇନିଂ) ଲିଜ୍ ନେଇଛି। ଲିଜ୍ ହସ୍ତାନ୍ତର ପରେ ଟାଟାଷ୍ଟିଲ ମାଇନିଂ ଖଣିର ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଡ଼େକୋ (ଧନେଶ୍ୱର ଇଞ୍ଜିନିୟରିଂ କୋ ପ୍ରାଇଭେଟ ଲିମିଟେଡ୍)କୁ କାର୍ଯ୍ୟାଦେଶ ଦେଇଛି। ତେବେ ବାରମ୍ବାର ଦାବି ସତ୍ତ୍ୱେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାରେ ଡେକୋ କମ୍ପାନୀ ଅଣଦେଖା କରି ବାହାର ରାଜ୍ୟ ଓ ଜିଲାରୁ କର୍ମଚାରୀ ନିଯୁକ୍ତି କରିଚାଲିଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ସୁରୁଆବିଲ ଖଣି ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସ୍ଥାନୀୟ ଲୋକଙ୍କୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିଲା। ଏହି ଆନ୍ଦୋଳନରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତ, ଉପଦେଷ୍ଟା ଭଗବତୀ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପରେ କମ୍ପାନୀ କାର୍ଯ୍ୟ ଚାଲୁ କରିବାକୁ ଦାବି ରଖିଥିଲେ। ଏହାକୁ ନେଇ ଖଣି ଗେଟ୍ ସମ୍ମୁଖରେ ଉତ୍ତେଜନା ଲାଗିରହିଥିଲା। ଖବର ପାଇ କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଡେକୋ କମ୍ପାନୀର କୌଣସି ପ୍ରତିନିଧି ଘଟଣାସ୍ଥଳକୁ ଆସି ନ ଥିବା ବେଳେ ଶ୍ରମିକ ସଂଘ ନେତା ଧୀର ଫୋନ ଯୋଗେ କଥା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୪ବଖରା ଜଳିଗଲା

**କୁଜଙ୍ଗ,୩୦।୧୧(ଡି.ଏନ୍.ଏ.)**

ଅଭୟଚାନ୍ଦପୁର ଥାନାର ଏରସମା ବ୍ଲକ ଅନ୍ତର୍ଗତ ଗଡକୁଜଙ୍ଗ ଗ୍ରାମର ଜଗତ୍‌ପଡ଼ାରେ ସୋମବାର ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡିଯାଇଛି। ଏଥିରେ ଭାନୁଆ ଖଟୁଆ, ବାବୁ ଖଟୁଆ, ମନମୋହନ ଖଟୁଆ ଏବଂ ରେବତୀ ଖଟୁଆଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର, ଧାନ ଚାଉଳ ସବୁ ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ କୁଜଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିସହ କ୍ଷୟକ୍ଷତିର ଆକଳନପାଇଁ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଅବଗତ କରାଯାଇଛି। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବେହେରା, ବିଷ୍ଣୁ ପ୍ରଧାନ, ସରପଞ୍ଚ ସମ୍ପଦ ବାରିକ ଓ ଯଦୁନାଥ ଖଟୁଆ ପ୍ରମୁଖ ଦାବି କରିଛନ୍ତି।

## ଶ୍ରଦ୍ଧାଳୁଙ୍କ ଅନୁପସ୍ଥିତି ସେବାୟତଙ୍କୁ ପ୍ରଭାବିତ କରିଛି

**ଖଣ୍ଡପଡା,୩୦।୧୧(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ରାସ ପଞ୍ଚକ ସୋମବାର ଉଦ୍‌ଯାପିତ ହୋଇଯାଇଛି। କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନରେ ଅଙ୍କୁଶ ଲଗାଯାଇଛି। ମନ୍ଦିରକୁ ଯାତ୍ରୀ ଆସୁ ନ ଥିବା ଯୋଗୁ ସେବାୟତମାନେ ବଡ଼ ଦୟନୀୟ ଅବସ୍ଥାରେ ପରିବାର ପ୍ରତିପୋଷଣ କରୁଛନ୍ତି। ବିଶେଷକରି ବର୍ଷକରେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦେଉଥିବା ଦକ୍ଷିଣା ସେବାୟତମାନଙ୍କ ପରିବାର ପ୍ରତିପୋଷଣରେ ସହାୟତା କରିଥାଏ। ମାତ୍ର କରୋନା କଟକଣା ସେବାୟତଙ୍କ ଜୀବନ ଜୀବିକା ଉପରେ କୁଠାରଘାତ କରିଛି।

## ପଦ୍ମବେଶରେ ଶ୍ରୀବଳଦେବଜୀଉ



ଶ୍ରୀବଳଦେବଜୀଉଙ୍କୁ ପଦ୍ମବେଶ କରାଯାଇଛି।

**କେନ୍ଦ୍ରାପଡ଼ା ଅଫିସ, ୩୦।୧୧**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କର ସ୍ୱତନ୍ତ୍ର ପଦ୍ମବେଶ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ରାସ ଉତ୍ସବ ଉପଲକ୍ଷେ ରବିବାର ରାତ୍ରରୁ ଶ୍ରୀଜୀଉଙ୍କ ପହୁଡ ଫିଟାଯାଇ ପୂର୍ବରାତ୍ରିର ବଡସିଂହାର ବେଶରେ ମଙ୍ଗଳ ଆଳତି ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ଶ୍ରୀଜୀଉଙ୍କ ଅନ୍ୟ ପାରମ୍ପରିକ ରୀତି ପରେ ପଦ୍ମବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ୩ ଦିଅଁ ସମ୍ପୂର୍ଣ୍ଣ ଲାଲ ବସ୍ତ୍ରରେ ସଜ୍ଜିତ ହୋଇ ଶ୍ରୀଭୁଜରେ ପଦ୍ମ ଧାରଣ କରିଥିଲେ। ଶ୍ରୀଜୀଉଙ୍କ ଅଙ୍ଗରେ ଡାଳି ମଣ୍ଡଳ ଓ ସୋଲ ନିର୍ମିତ ହଂସ ଶୋଭା ବର୍ଦ୍ଧନ କରିଥିଲା। ସନ୍ଧ୍ୟା ଆଳତି ପରେ ମଣି ଆସନରୁ ଲକ୍ଷ୍ମୀନାରାୟଣଙ୍କୁ ମୁକ୍ତିମଣ୍ଡପକୁ ବିଜେ କରାଯାଇ ବେଢ଼ା ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବାସୁଦେବ ମନ୍ଦିରରେ ବିରାଜିତ ରାଧାକୃଷ୍ଣଙ୍କ ସହ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦ ଜୀଉ ରଥଦାଣ୍ଡରେ ନିର୍ମିତ ଫୁଲ ରଥକୁ ବିଜେ କରିଥିଲେ। ଲୋକକଥା ଅନୁଯାୟୀ, ରାସ ପୂର୍ଣ୍ଣିମାରେ ତୁଳସୀକ୍ଷେତ୍ର ପ୍ରତିଷ୍ଠା ହୋଇଥିଲା। ଶ୍ରୀବଳଦେବଜୀଉ କନ୍ଦରାସୁରକୁ ବଧ କରି ଫୁଲ ରଥରେ ତୁଳସୀ କ୍ଷେତ୍ରକୁ ଆସିଥିଲେ। କରୋନା କଟକଣା ପାଇଁ ଶ୍ରୀଜୀଉଙ୍କ ମନ୍ଦିର ଦ୍ୱାର ଦେଶରୁ ପଦ୍ମବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବ

**ଖଣ୍ଡପଡ଼ା,୩୦।୧୧(ସ୍ୱ.ପ୍ର):** କଣ୍ଟିଲୋ ଆଞ୍ଚଳିକ ତୈଳିକ ବୈଶ୍ୟ ସମାଜ କଣ୍ଟିଲୋ ପକ୍ଷରୁ ସୋମବାର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୋଇତ ବନ୍ଦାଣ ଉତ୍ସବ ମହାନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବୈଶ୍ୟ ସମାଜ ପକ୍ଷରୁ ସଭାପତି ତ୍ରିନାଥ ସାହୁଙ୍କ ସମେତ ସମ୍ପାଦକ ବନମାଳୀ ସାହୁ, କୋଷାଧ୍ୟକ୍ଷ ଗୋକୁଳାନନ୍ଦ ସାହୁ, ସହସମ୍ପାଦକ ଦିଲୀପ କୁମାର ସାହୁ ଏବଂ ବରିଷ୍ଠ ସଦସ୍ୟ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ବୋଇତ ବନ୍ଦାଣର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ଓଡ଼ିଶା ଅଭିଭାବକ ମହାସଂଘ ବୈଠକ

**ପାରାଦୀପ,୩୦।୧୧(ସ୍ୱ.ପ୍ର.)**

ପାରାଦୀପ ମଧୁବନସ୍ଥିତ ଆମ୍ବେଡକର ଭବନରେ ସୋମବାର ଓଡ଼ିଶା ଅଭିଭାବକ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ୭୭୭୨ ସରକାରୀ ସ୍କୁଲ ବନ୍ଦ କରିବା ପାଇଁ ଘୋଷଣା କରିଛନ୍ତି। ଏହାର ପ୍ରତିବାଦରେ ଏହି ବୈଠକ ଆୟୋଜନ କରାଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ୧୮ ଦଳ ଓ ୧୭ ସାମାଜିକ ସଂଗଠନ ପକ୍ଷରୁ ରାଜ୍ୟସାରା ବୈଠକ କରାଯାଇ ବିରୋଧ କରାଯାଉଛି। ଜଗତ୍‌ସିଂହପୁର ଜିଲା କମିଟି ପକ୍ଷରୁ ଏହି ବୈଠକରେ ବାସୁଦେବ ଭଞ୍ଜ, ସୁରେଶ ଚନ୍ଦ୍ର ସ୍ୱାଇଁ, ଧ୍ରୁତିଧର ଦାସ ଓ ଶ୍ରୀବଲ୍ଲଭ କର, ପ୍ରମୁଖ ଉପସ୍ଥିତ ଥିଲେ।

## 'ଦେଶରେ ୧ନଂ. ବନ୍ଦରର ମାନ୍ୟତା ପାଇଛି ପାରାଦୀପ'

### ବନ୍ଦର ଦିବସ ପାଳିତ

**ପାରାଦୀପ,୩୦।୧୧(ସ୍ୱ.ପ୍ର)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ବୋଇତ ବନ୍ଦାଣ ଓ ବନ୍ଦର ଦିବସ ନିରାଡ଼ମ୍ବରେ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଦର ନିଷିଦ୍ଧାଞ୍ଚଳର ୱେଟବେସିନଠାରେ ସୁସଜ୍ଜିତ ବୋଇତରେ ସାଧବାଣୀ ଓ ସାଧବଙ୍କୁ ନେଇ ପୋତାଶ୍ରୟରେ ବୁଲାଯାଇଥିଲ। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ବନ୍ଦର ପତାକା ଉତ୍ତୋଳନ କରି ବୋଇତକୁ ମେଲାଣି ଦେଇଥିଲେ। ପରେ କୋଭିଡ୍ ଗାଇଡଲାଇନ ଅନୁସାରେ ଆୟୋଜିତ ସଭାରେ ଅଧ୍ୟକ୍ଷ ରାୟ ଯୋଗଦେଇ ପାରାଦୀପ ବନ୍ଦର ଏବେ ଦେଶର୧ ନମ୍ବର ମାନ୍ୟତା ପାଇଛି। ଆଗକୁ ଏହି ଧାରା ବଜାୟ ରଖିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ, ଉପସଂରକ୍ଷକ କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ବନ୍ଦର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# ଉଜୁଡ଼ିଲାଣି କୋବି ଫସଲ, ଚିନ୍ତାରେ ଚାଷୀ

## ଅଜଣା ରୋଗପୋକ ପ୍ରଭାବ

**ରସୁଲପୁର,୩୦।୧୧(ଡି.ଏନ.ଏ.)**

ଏଥର ପରିବା ଫସଲ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ପରିବେଶର ତାପମାତ୍ରାରେ ଅସମ୍ଭବ ଧରଣର ପରିବର୍ତ୍ତନ ପରିବା ଫସଲରେ ନୂଆ ରୋଗପୋକ ସୃଷ୍ଟି କରୁଛି, ଯାହାକୁ ଚିହ୍ନଟ କରିବା ଚାଷୀଙ୍କ କ୍ଷେତ୍ରରେ ଅସମ୍ଭବ ହୋଇପଡୁଛି। ଯେତେ ପ୍ରକାର ଉପଚାର କଲେ ବି ପୋକଙ୍କ ପ୍ରଭାବ କମୁନି। ଫଳରେ ଯାଜପୁର ଜିଲା ରସୁଲପୁର ବ୍ଲକର ସିଂହାପୁର, ଓଡିଶୋ, କଳଣ, ନଠୁଆବର, ଯାବରା, ଶ୍ରୀବନ୍ତପୁର, ବଡକଇଁଚି, ରାହାମ୍ବା, ବାରବାଟୀ ଆଦି ଅଞ୍ଚଳରେ ଚାଷ ହୋଇଥିବା ଏକାଧିକ ଏକର କୋବି ଫସଲ ଉଜୁଡିବାକୁ ବସିଛି। ଅଜଣା ରୋଗପୋକ ପ୍ରଭାବରେ କୋବି ଗଛର ପତ୍ର କଣା ହୋଇଯାଉଛି। ଗଛଗୁଡିକ ଭଲ ଭାବରେ ବଢିପାରୁ ନାହିଁ। ଏଥିନେଇ ଚାଷୀକୁଳ ଚିନ୍ତାରେ ଅଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗୋଟିଏ ଏକର କୋବି କିଆରିରେ ୨୫୦୦ରୁ ୩୦୦୦ କୋବି ଚାରା ଲାଗୁଛି। ଗୋଟିଏ କୋବି ଚାରା ତଳି ପକାଇ ଲଗାଇବାକ୍ଷମ କଲାବେଳକୁ ଗଛ ପିଛା ୧ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡା ସାର, ଔଷଧ, କୋଡାଖୁସା, ପାଣି ମଡାଇବା ଆଦି ବାବଦକୁ ୨ରୁ ୩ଟଙ୍କା ଖର୍ଚ୍ଚ ହେଉଛି। ଏହାପରେ ଚାଷୀର ପାରିଶ୍ରମିକ ରହୁଛି। ଦେଖିବାକୁ ଗଲେ ଗୋଟିଏ କୋବି ଉତ୍ପାଦନକ୍ଷମ ହେବା ବେଳକୁ ସେଥିରେ ୫ରୁ ୬ଟଙ୍କା ଖର୍ଚ୍ଚ ହୋଇଯାଉଛି। ଚାଷୀ ଗୋଟିଏ କୋବିକୁ ଅନ୍ୟୂନ ୧୦ଟଙ୍କାରେ ବିକ୍ରି ନ କଲେ ଲାଭବାନ୍ ହୋଇପାରିବ ନାହିଁ। ତେବେ ଗଛ ଉତୁରିବା ବେଳକୁ ପୋକ ପ୍ରଭାବରେ ନଷ୍ଟ ହୋଇଯାଉଛି। ଏହା ଗୁଣ୍ଡିପୋକ ଭଳି ଦେଖାଯାଉଛନ୍ତି। ଏହି ପୋକ ମାରିବା ପାଇଁ ଚାଷୀ ଚିରାଚରିତ ଢଙ୍ଗରେ ଔଷଧ ସିଞ୍ଚନ କରୁଛନ୍ତି। ମାତ୍ର ତାହା ପ୍ରଭାବଶାଳୀ ହୋଇପାରୁ ନାହିଁ। ଔଷଧ ସିଞ୍ଚନ ସମୟରେ ପୋକଗୁଡିକ ଉଡିଯାଉଛନ୍ତି। ଔଷଧ ଗନ୍ଧ ଚାଲିଯିବା ପରେ ପୁଣି କୋବି ଗଛଗୁଡିକୁ ଝୁଣି ଖାଇଯାଉଛନ୍ତି। ଏହି ପ୍ରଜାତିର ପୋକକୁ ଚିହ୍ନଟ କରି ଦୂର କରିବା ପାଇଁ କୃଷି ବୈଜ୍ଞାନିକଙ୍କ ପକ୍ଷରୁ କ୍ଷେତ ପରିଦର୍ଶନ ଲାଗି ଚାଷୀ ଧର୍ମେନ୍ଦ୍ର ସ୍ୱାଇଁ, ବୈଧର ନାୟକ, ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ଦାବି କରିଛନ୍ତି। ଚାଷୀମାନେ ଏହାକୁ ଏକ ଭିନ୍ନ ପ୍ରକାର ଉଡ଼ା ପୋକ ବୋଲି ଭାବୁଛନ୍ତି। ଶୀତ ଅଧିକ ପଡିଲେ ଏହି ପୋକଗୁଡିକ ଉଭାନ୍ ହୋଇଯାଇ ପାରନ୍ତି ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।



ପୋକ ଲାଗି କୋବିପତ୍ର କଣା ହୋଇଯାଇଛି।

